NATIONAL NEWS BULLETIN (ODIA)

01st June' 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ମ୍ୟାଁମାର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ପ୍ରଧାନମନ୍ତ୍ରୀ ।

- ମଧ୍ୟପ୍ରଦେଶର ରାୟସେନ ଜିଲ୍ଲାରେ ଆଜି କ୍ଷେତ୍ ବଚାଓ ଅଭିଯାନର ଶୁଭାରମ୍ଭ କରିବେ କେନ୍ଦ୍ର କୃଷିମନ୍ତ୍ରୀ ।

- ୧୦ଟି ରାଜ୍ୟର ୨୪ଟି ରାଜସଭା ଆସନ ନିମନ୍ତେ ନିର୍ବାଚନପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଫାଇନାଲ୍ ମ୍ୟାଚ୍‌ରେ ଗୁଜରାଟ୍ ଟାଇଟନ୍ସକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରି ଟାଇଟଲ୍ ହାସଲ କଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

ପି.ଏମ୍. - ମ୍ୟାମାର ପ୍ରେଜ୍ ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ମ୍ୟାମାର ରାଷ୍ଟ୍ରପତି ୟୁ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍'ଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଦୁଇଦେଶ ମଧ୍ୟରେ ଥିବା ଐତିହାସିକ ଏବଂ ସଭ୍ୟତାଗତ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଲାଗି ବୈଠକରେ ବିଭିନ୍ନ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହେବ । ବିଶେଷଭାବେ ଉଭୟ ଦେଶ ମଧ୍ୟରେ ସୁରକ୍ଷା ଏବଂ ଯୋଗାଯୋଗ ସମ୍ପର୍କକୁ ମଜବୁତ୍ କରିବା ଲାଗି ବାର୍ତ୍ତାଳାପ କରାଯିବ । ଗତ ସନ୍ଧ୍ୟାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ମ୍ୟାମାର ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ କରିଥିଲେ । ଶ୍ରୀ ହ୍ଲାଇଙ୍ଗ୍ ଗତ ଶନିବାର ଦିନ ୫ ଦିନିଆ ଭାରତ ଗସ୍ତରେ ଆସି ବିହାରର ଗୟାରେ ପହଞ୍ଚିଥିଲେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଭାରତ ଆସିଛନ୍ତି । ସେଥିରେ କ୍ୟାବିନେଟ୍ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ନେତୃତ୍ୱମାନେ ସାମିଲ୍ ହୋଇଛନ୍ତି । ଆସନ୍ତାକାଲି ମ୍ୟାମାର ରାଷ୍ଟ୍ରପତି ମୁମ୍ବାଇ ଗସ୍ତକରି ବ୍ୟବସାୟ ଓ ଶିଳ୍ପ ସମ୍ବନ୍ଧିତ ବାର୍ତ୍ତାଳାପରେ ଭାଗ ନେବା ସହ କେତେକ ପ୍ରମୁଖ ସ୍ଥଳୀ ପରିଦର୍ଶନ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତର ପ୍ରଥମେ ପଡ଼ୋଶୀ, ଆକ୍ଟ-ଇଷ୍ଟ ଏବଂ ମହାସାଗର ନୀତିରେ ମ୍ୟାମାର ରହିଛି ।

କ୍ଷେତ ବଚାଓ ଅଭିଯାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ମଧ୍ୟପ୍ରଦେଶର ରାୟସେନ ଜିଲ୍ଲାରେ 'କ୍ଷେତ ବଚାଓ ଅଭିଯାନ'ର ଶୁଭାରମ୍ଭ କରିବେ । ଏହି ଅଭିଯାନ ଚଳିତ ମାସ ଶେଷ ଯାଏଁ ଚାଲିବ । ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସନ୍ତୁଳନ ରକ୍ଷା କରି ଚାଷଜମିରେ ସାର ପ୍ରୟୋଗ କରିବା ଏବଂ କୃଷକମାନଙ୍କୁ ସଠିକ୍ ସମୟରେ ସୂଚନା ପ୍ରଦାନ କରି ପଞ୍ଚାୟତ ସ୍ତରରେ ଜନ ଭାଗିଦାରିତା ସୃଷ୍ଟି କରିବା । ମନ୍ତ୍ରୀ ଶ୍ରୀ ଚୌହାନ' ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏହି ଅଭିଯାନରେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି । କିଷାନ୍ କ୍ରେଡିଟ୍ କାର୍ଡ଼, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ଫସଲବୀମା ଯୋଜନା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଭଳି ଯୋଜନାର ଲାଭ କୃଷକମାନଙ୍କ ନିକଟରେ ପହଞ୍ଚାଇବା ଲାଗି ମନ୍ତ୍ରୀ ଶ୍ରୀ ଚୌହାନ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ କୃଷିମନ୍ତ୍ରୀ କ୍ଷେତ ବଚାଓ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ଇଣ୍ଡିଆ-ଅଷ୍ଟ୍ରେଲିଆ ଡିଫେନ୍ସ ମିନିଷ୍ଟର

ନୂଆଦିଲ୍ଲୀଠାରେ ଆଜି ଦ୍ୱିତୀୟ ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ

ସିଂହ ଏବଂ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ରିଚାର୍ଡ ମାର୍ଲେସ ବୈଠକରେ ସହ ଅଧ୍ୟକ୍ଷତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉଭୟପକ୍ଷଙ୍କ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା ସହଯୋଗ, ସାମରିକ ଦକ୍ଷତା, ଶିଳ୍ପ ସହଯୋଗ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ ହେବ ।

ଗଭ.-୧୨ ଇଅର୍ସ ୱେଲ୍‌ଫେୟାର ଫାର୍ମର୍ସ

ଭାରତରେ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ'ର ମନ୍ତ୍ର ନେଇ ବିକାଶ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଘଟିଛି । ଗତ ୧୨ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଅଗ୍ରସର ହେଉଛି । ଏହି କାର୍ଯ୍ୟକାଳ ମଧ୍ୟରେ ଗରିବ, କୃଷକ, ମହିଳା ଏବଂ ଯୁବପିଢ଼ିର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ୧୨ ବର୍ଷର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସରକାରଙ୍କ ଉଦ୍ୟମରେ ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି । ଆଜି ଆସନ୍ତୁ ଶୁଣିବା କୃଷିମାନଙ୍କ କଲ୍ୟାଣ ନିମନ୍ତେ ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପ ବିଷୟରେ :

ଗତ ୧୨ ବର୍ଷରେ କୃଷକମାନଙ୍କ କଲ୍ୟାଣ ସହ ସେମାନଙ୍କ ଆୟ ବୃଦ୍ଧି କ୍ଷେତ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରଚଳନ କରିଛନ୍ତି । ଦେଶରେ ସର୍ବବୃହତ୍ ସଂସ୍କାରମୂଳକ ପଦକ୍ଷେପ ହିସାବରେ ପି.ଏମ୍. କିଷାନ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ବର୍ଷକୁ ୬ ହଜାର ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତରଣ ବ୍ୟବସ୍ଥାରେ କୃଷକଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯାଉଛି । ୯ କୋଟି ୫୦ ଲକ୍ଷରୁ ଅଧିକ ପରିବାରକୁ ୪ ଲକ୍ଷ ୨୮ ହଜାର କୋଟିରୁ ଅଧିକ ଅର୍ଥରାଶି ପ୍ରଦାନ କରାଯାଇଛି । ଆକାଶବାଣୀ ସହିତ କଥାବାର୍ତ୍ତାବେଳେ ଅଯୋଧ୍ୟାର ଜଣେ କୃଷକ କହିଛନ୍ତି, କୃଷକ ସମ୍ମାନନିଧି ଯୋଜନା' କୃଷକମାନଙ୍କପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି । ପି.ଏମ୍. କୃଷି ସିଞ୍ଚନ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଭଳି ଯୋଜନା ଜଳସେଚନ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

୨୦୧୪-୧୫ ପରଠାରୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୨୬ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ପ୍ରଦାନ କରାଯାଇଛି । ଫସଲ ବୀମା ଯୋଜନାରେ ୨୩ କୋଟି କୃଷକ ୧ ଲକ୍ଷ ୯୨ ହଜାର କୋଟି ଟଙ୍କାର ଲାଭ ପାଇଛନ୍ତି । ପ୍ରଧାନମନ୍ତ୍ରୀ' କିଷାନ୍ ମାନଧନ ଯୋଜନାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ପେନସନ୍ ପ୍ରଦାନ କରାଯାଇଛି ।

ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ୨୦୧୩-

୧୪ରେ ଦେଶରେ ୨୬୫ ମିଲିୟନ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୩୫୮ ମିଲିୟନ୍ ଟନ୍‌ରେ ପହଞ୍ଚିଛି । ବିଶ୍ୱର ବୃହତ୍ ଧାନ ଉତ୍ପାଦକ ଦେଶ ଭାବେ ଭାରତ' ଚୀନ୍‌କୁ ଅତିକ୍ରମ କରିଛି ।

ଆର୍.ଏସ୍. ପୋଲ୍ ନୋଟିଫିକେସନ

୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ନିମନ୍ତେ ଆଜି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ । ୨୪ଟି ଆସନ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଏବଂ କର୍ଣ୍ଣାଟକର ୪ଟି ଲେଖାଏଁ ଆସନ ରହିଥିବାବେଳେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ୩ଟି ଲେଖାଏଁ, ଝାଡ଼ଖଣ୍ଡର ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମ୍‌ର ଗୋଟିଏ ଲେଖାଏଁ ଆସନ ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଏଚ୍.ଡି. ଦେବେଗୌଡ଼ା, କେନ୍ଦ୍ରମନ୍ତ୍ରୀ ତଥା ବି.ଜେ.ପି. ନେତା ଜର୍ଜ କୁରିଆନ୍ ଏବଂ ରବନୀତ ସିଂହ, ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ପ୍ରମୁଖଙ୍କ ଚଳିତ ମାସରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଛି । ଏହାଛଡ଼ା ମହାରାଷ୍ଟ୍ର, ତାମିଲନାଡୁ ଏବଂ ଓଡ଼ିଶାରେ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ନିମନ୍ତେ

ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ମହରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ଅଜିତ୍ ପାଓ୍ୱାର ଏବଂ ତାମିଲନାଡୁର ଏ.ଆଇ.ଏ.ଡି.ଏମ୍.କେ. ସାଂସଦ ସି.ଭି. ସନମୁଗମ୍ ଏବଂ ଓଡ଼ିଶା ସାଂସଦ ଦେବାଶିଷ ସାମନ୍ତରାୟ ସାଂସଦ ପଦରୁ ଇସ୍ତଫା ଦେଇଥିବାରୁ ସେହି ଆସନଗୁଡ଼ିକ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ । ଆଜିଠାରୁ ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ଲାଗି ସମୟ ନିର୍ଦ୍ଧାରିତ କରାଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ଚଳିତ ମାସ ୧୮ ତାରିଖରେ ଭୋଟ୍‌ଗ୍ରହଣ ଓ ସେହିଦିନ ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ ।

ମହାୟୁତି ଆଲିଆନ୍ସ

ମହାରାଷ୍ଟ୍ରରେ ଶାସକ ମହାୟୁତି ମେଣ୍ଟ ବିଧାନ ପରିଷଦ ନିର୍ବାଚନ ନିମନ୍ତେ ଆସନ ଆବଣ୍ଟନ ପ୍ରକ୍ରିୟା ଚୂଡ଼ାନ୍ତ କରିଛି । ବୁଝାମଣା ଅନୁଯାୟୀ ୧୭ଟି ଆସନ ମଧ୍ୟରୁ ବି.ଜେ.ପି. ୧୧ଟି ଆସନରେ ଲଢ଼ିବାକୁ ନିଷ୍ପତ୍ତି ହୋଇଥିବାବେଳେ ଶିବସେନା ୪ଟି ଏବଂ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ବିରୋଧୀ ମହାବିକାଶ ଅଗାଡ଼ି ପୂର୍ବରୁ ଆସନ ବୁଝାମଣା ଶେଷ କରିଛି । କଂଗ୍ରେସ ୮ଟି, ଶିବସେନା ୟୁ.ବି.ଟି. ୪ଟି ଏବଂ ଶରଦ ପାୱାର୍ ନେତୃତ୍ୱାଧୀନ ଏନ୍.ସି.ପି. ୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଡବ୍ଲ୍ୟୁ.ବି. କ୍ୟାବିନେଟ୍ ଏକ୍ସପ୍ୟାନ୍ସନ୍

ପଶ୍ଚିମବଙ୍ଗର ନବଗଠିତ ସରକାର ଆଜି କ୍ୟାବିନେଟ୍ ସମ୍ପ୍ରସାରଣ କରିବେ । କ୍ୟାବିନେଟ୍‌ରେ ୩୫ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ୍ କରାଯିବ ବୋଲି ଜଣାପଡ଼ିଛି । ଲୋକଭବନରେ ପୂର୍ବାହ୍ନ ୧୧ଟାରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏହି ବୃଦ୍ଧି ସହ କ୍ୟାବିନେଟ୍ ମନ୍ତ୍ରୀ ସଂଖ୍ୟା ୪୧ରେ ପହଞ୍ଚିବ ।

ସୁମନ କଲ୍ୟାଣପୁର ଡାଏଜ୍

ସୁପ୍ରସିଦ୍ଧ ଗାୟିକା ସୁମନ କଲ୍ୟାଣପୁରଙ୍କ ଗତକାଲି ମୁମ୍ବାଇସ୍ଥିତି ବାସଭବନରେ ଅଣାନବେ ବର୍ଷ ବୟସରେ ପରଲୋକ ଘଟିଛି । ସେ ହିନ୍ଦୀ ସମେତ ମରାଠୀ ଓ ଅନେକ ଭାରତୀୟ ଭାଷାରେ କଣ୍ଠଦାନ କରିଛନ୍ତି ।

୧୯୫୦ରୁ ୧୯୭୦ ପର୍ଯ୍ୟନ୍ତ ଭାରତୀୟ ସିନେମାରେ ସୁମନ କଲ୍ୟାଣପୁର ତାଙ୍କ ସୁମଧୁର କଣ୍ଠରେ ଅନେକ ଗାୟନ କରିଛନ୍ତି । ବାଂଲାଦେଶର ଢାକାରେ ୧୯୩୭ ମସିହା ଜାନୁୟାରୀ ୨୮ ତାରିଖରେ ଜନ୍ମଗ୍ରହଣ କରିଥିବା ସୁମନଙ୍କ କଣ୍ଠସ୍ୱର କେତେକ ମାତ୍ରାରେ ଲତା ମଙ୍ଗେସ୍କରଙ୍କ କଣ୍ଠସ୍ୱର ପରି ଅନୁଭୂତ ହେଉଥିଲା । ୧୯୫୦ ମସିହା ମଧ୍ୟଭାଗରେ ସେ ହିନ୍ଦୀ ଚଳଚ୍ଚିତରେ ପ୍ରଥମେ କଣ୍ଠଦାନ କରିଥିଲେ । ପରେ ସେ ମହମ୍ମଦ ରଫିଙ୍କ ସହ ଅନେକ ଗୀତ ଗାଇଥିଲେ । ତାଙ୍କ ପ୍ରସିଦ୍ଧ ଗୀତଗୁଡ଼ିକ ମଧ୍ୟରେ 'ଆଜ୍ କଲ୍ ତେରେ ମେରେ ପ୍ୟାର୍ କେ ଚର୍ଚ୍ଚେ', 'ନା ନା କର୍‌କେ ପ୍ୟାର୍ ତୁହ୍ମିସେ' ଏବଂ 'ତୁମନେ ପୁକାରା ଔର ହମ୍ ଚଲେ ଆୟେ' ଭଳି ଗୀତ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା ।

ମହାରାଷ୍ଟ୍ର ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ପ୍ରମୁଖ ସୁମନ କଲ୍ୟାଣପୁରଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଆଇ.ପି.ଏଲ୍. ଫାଇନାଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

୫ ୱିକେଟ୍‌ରେ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ଗୁଜୁରାଟ୍ ଟାଇଟନ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୫୫ ରନ୍ ସ୍କୋର କରିଥିଲା । ୱାଶିଂଟନ୍ ସୁନ୍ଦର ୩୭ଟି ବଲ୍‌ରେ ୫୦ ରନ୍ ସ୍କୋର କରିଥିଲେ । ଏହାର ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମାତ୍ର ୧୮ ଓଭରରେ ୧୬୧ ରନ୍ ସ୍କୋର କରି ଚାମ୍ପିୟନ୍ ହୋଇଛି । ଚଳିତ ଆଇ.ପି.ଏଲ୍.ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସବୁଠାରୁ ମୂଲ୍ୟବାନ ଖେଳାଳି ଭାବେ ବିବେଚିତ କରାଯାଇଛି । ୭୭୬ ରନ୍ ସ୍କୋର୍ କରିଥିବାରୁ ସେ ଅରେଞ୍ଜ୍ କ୍ୟାପ୍ ଜିତିଛନ୍ତି ।

ଏସିଆନ୍-ୟୁ୨୦ ଆଥ୍‌ଲେଟିକ୍ସ

ହଙ୍ଗ୍‌କଙ୍ଗ୍‌ରେ ଚାଲିଥିବା ୨୦ ବର୍ଷରୁ କମ୍ ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ରେ ଭାରତର ମୋଗାଲି ଭେଙ୍କଟରାମ୍ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ମହିଳା ୪ ଗୁଣନ ୪୦୦ ମିଟର ଦୌଡ଼ରେ ଭାରତର ଭୂମିକା, ତାହୁରା, ସେହନୂର ଏବଂ ନିରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

୪ ଗୁଣନ ୧୦୦ ମିଟର ଦୌଡ଼ରେ କାଜଲ, ଭାବନା, ଆରତୀ ଏବଂ ନିପମ୍ ରୌପ୍ୟପଦକ ଜିତିଥିବାବେଳେ ୪ ଗୁଣନ ୪୦୦ ପୁରୁଷ ଦୌଡ଼ରେ

ପୀୟୁଷ ରାଜ, ସୟଦ୍ ସବୀର, ରଞ୍ଜିତ୍ କୁମାର ଏବଂ ମହମ୍ମଦ ଆସ୍‌ଫାକ୍ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି ।

ଫୁଟ୍‌ବଲ୍ - ସାଫ୍

ସାଫ୍ ମହିଳା ଫୁଟ୍‌ବଲ୍ ଚାମ୍ପିୟନ୍‌ସିପ୍‌ରେ ଭାରତୀୟ ମହିଳା ଦଳ ଗତକାଲି ଗୋଆର ମାର୍ଗାଓଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଗତ ସପ୍ତାହରେ ଭାରତୀୟ ମହିଳା ଦଳ ମାଳଦ୍ୱୀପକୁ ୧୧-୦ ଗୋଲ୍‌ରେ ପରାସ୍ତ କରିଥିଲା । ୫ ଥରର ସାଫ୍ ମହିଳା ଚାମ୍ପିୟନ୍‌ସିପ୍ ବିଜେତା ଭାରତୀୟ ମହିଳା ଦଳ ଗ୍ରୀପ୍-ଏ'ର ସେମିଫାଇନାଲ୍ ମ୍ୟାଚ୍‌ରେ ଆସନ୍ତା ବୁଧବାର ଦିନ ଭୁଟାନ୍ ବିପକ୍ଷରେ ଖେଳିବ ।

*****